# NATIONAL NEWS BULLETIN (ODIA)
## 7 February - 2025
## Evening Bulletin : 7.15 P.M.

**********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ସୋମବାର ଠାରୁ ତିନି ଦିନିଆ ଫ୍ରାନ୍ସ ଗସ୍ତରେ ଯିବେ ।
- ଗତବର୍ଷ ୪୩ ଶହରୁ ଅଧିକ କୃଷି ଉତ୍ପାଦକ ସଂଗଠନ ଇ-ନାମ ପୋର୍ଟାଲ୍‌ରେ ପଞ୍ଜିକୃତ ହୋଇଛନ୍ତି, କହିଲେ କୃଷି ମନ୍ତ୍ରୀ ।
- ଚଳିତ କେନ୍ଦ୍ରୀୟ ବଜେଟ୍‌ରେ ୧ ଲକ୍ଷ କୋଟି ଟଙ୍କା ଟିକସ ଛାଡ଼ ହେବା ଦ୍ୱାରା ମୁଦ୍ରାସ୍ଫିତିରେ କୌଣସି ପ୍ରଭାବ ପଡ଼ିବ ନାହିଁ, କହିଲେ ଆର୍‌ବିଆଇ ଗଭର୍ଣ୍ଣର ।
- ପ୍ରୟାଗରାଜର ମହାକୁମ୍ଭରେ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ।

ଏବଂ

- ଉତ୍ତରାଖଣ୍ଡରେ ଚାଲିଥିବା ୩୮ତମ ଜାତୀୟ କ୍ରୀଡ଼ା ପ୍ରତିଯୋଗିତାର ପୁରୁଷ ବର୍ଗ ଫୁଟବଲ୍ ଫାଇନାଲ୍ ମ୍ୟାଚ୍‌ରେ ଉତ୍ତରାଖଣ୍ଡ ଓ କେରଳ ମଧ୍ୟରେ ମୁକାବିଲା ଜାରୀ ।

## ପିଏମ୍-ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ସୋମବାର ଠାରୁ ତିନି ଦିନିଆ ଫ୍ରାନ୍ସ ଗସ୍ତରେ ଯିବେ । ଏହି ଗସ୍ତ କାଳରେ ପ୍ୟାରିସ୍ ଠାରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ୍‌ଙ୍କ ସହ କୃତ୍ରିମ ବୁଦ୍ଧିମତା ସମ୍ମିଳନୀରେ ସହ-ଅଧ୍ୟକ୍ଷତା କରିବେ । ଆଜି ନୂଆଦିଲ୍ଲୀରେ ବୈଦେଶିକ ସଚିବ ବିକ୍ରମ ମିଶ୍ରି ଏ ନେଇ ସୂଚନା ପ୍ରଦାନ କରିଛନ୍ତି । ଶ୍ରୀ ମିଶ୍ରି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚଳିତ ମାସ ୧୨ ଏବଂ ୧୩ ତାରିଖରେ ମଧ୍ୟ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ସହିତ ଦ୍ୱିପାକ୍ଷିକ ବୈଠକରେ ଯୋଗଦେବେ ।

## ଆର୍‌ଏସ୍-ଏଗ୍ରିକଲଚର୍

କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି ଯେ ଗତ ବର୍ଷ ଶେଷ ସୁଦ୍ଧା ୪୩ଶହରୁ ଅଧିକ କୃଷି ଉତ୍ପାଦକ ସଂଗଠନ ଇ-ନାମ୍ ପୋର୍ଟାଲ୍‌ରେ ପଞ୍ଜିକୃତ ହୋଇଛନ୍ତି ଏବଂ ଏହି ଏଫ୍.ପି.ଓ. ଗୁଡ଼ିକ ୪ କୋଟି ୮୦ ଲକ୍ଷରୁ ଅଧିକ କୃଷକଙ୍କୁ ୨୪୯ କୋଟି ଟଙ୍କା ପ୍ରଦାନ କରିଛନ୍ତି । ରାଜ୍ୟସଭାରେ ଏକ ଅତିରିକ୍ତ ପ୍ରଶ୍ନର ଉତ୍ତର ଦେଇ କୃଷି ମନ୍ତ୍ରୀ କହିଛନ୍ତି ଯେ ସମଗ୍ର ଦେଶରେ ଏ ପର୍ଯ୍ୟନ୍ତ ୧୦ ହଜାରରୁ ଅଧିକ ଏଫ୍.ପି.ଓ. ଗଠନ କରାଯାଇଛି । କୃଷକମାନେ ଘରେ ବସି ନିଜର

କୃଷିଜାତ ଦ୍ରବ୍ୟର ୩୬୦ ଡିଗ୍ରୀ ଫଟୋ ଅପ୍‌ଲୋଡ୍ କରି ଇ-ନାମ୍‌ରେ ଲାଭ ଉଠାଇ ପାରିବେ ବୋଲି ସେ କହିଛନ୍ତି । ଏହାଦ୍ୱାରା ସେମାନେ ପ୍ରତିଦ୍ୱନ୍ଦ୍ୱିତା ମୂଳକ ମୂଲ୍ୟ ପାଇପାରିବେ ବୋଲି ମନ୍ତ୍ରୀ ଶ୍ରୀ ଚୌହାନ କହିଛନ୍ତି ।

## ଆର୍‌ଏସ୍-ଏକ୍ସପୋର୍ଟସ୍

ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟେଲ କହିଛନ୍ତି, ଚଳିତ ଆର୍ଥିକ ବର୍ଷ ଦେଶରୁ କରାଯାଇଥିବା ରପ୍ତାନୀ ୮୦୦ ବିଲିୟନ୍ ଆମେରିକୀୟ ଡଲାର୍ ଅତିକ୍ରମ କରିବ ବୋଲି ଆଶା କରାଯାଉଛି । ରାଜ୍ୟସଭାରେ ପ୍ରଶ୍ନ କାଳରେ ଉତ୍ତର ରଖି ମନ୍ତ୍ରୀ କହିଛନ୍ତି, ୨୦୨୪-୨୫ ଆର୍ଥିକ ବର୍ଷରେ ରପ୍ତାନୀ କ୍ଷେତ୍ରରେ ଦେଶ ୮୦୦ ବିଲିୟନ୍ ଆମେରିକୀୟ ଡଲାର୍ ଅତିକ୍ରମ କରି ଇତିହାସ ରଚିଛି । ଦେଶରେ ବୈଶ୍ୱିକ ବାଣିଜ୍ୟ ତଥା ରପ୍ତାନୀ କ୍ଷେତ୍ରରେ ବ୍ୟବସାୟିମାନେ ନିଜର ପାରିଦର୍ଶିତା ଦେଖାଇଛନ୍ତି ବୋଲି ସେ କହିଛନ୍ତି ।

## ଏଲ୍‌ଏସ୍-ମୋଟାଲିଟି ରେଟ୍

ସରକାର କହିଛନ୍ତି, ଦେଶରେ ମାତୃ ମୃତ୍ୟୁହାର ୮୩ ପ୍ରତିଶତ ହ୍ରାସ ପାଇଛି । ତେବେ ଗତ ୩୦ ବର୍ଷ ମଧ୍ୟରେ ବିଶ୍ୱରେ ଏହି ହାର ୪୨ ପ୍ରତିଶତ ହ୍ରାସ ପାଇଛି ବୋଲି ସୂଚନା ମିଳିଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି. ନଡ୍ଡା ଲୋକସଭାରେ ଏକ ଲିଖିତ ଉତ୍ତରରେ ଏହା କହିଛନ୍ତି । ସେ କହିଛନ୍ତି ଯେ ଶିଶୁ ମୃତ୍ୟୁହାର ୬୯ ପ୍ରତିଶତ ହ୍ରାସ ଥିବାବେଳେ ବିଶ୍ୱରେ ଏହା ୫୫ ପ୍ରତିଶତକୁ ହ୍ରାସ ପାଇଛି । ସମଗ୍ର ଦେଶରେ ମାତୃ ଏବଂ ଶିଶୁ ସ୍ୱାସ୍ଥ୍ୟ ଫଳାଫଳର ଉନ୍ନତି ପାଇଁ ସରକାରଙ୍କ ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପକୁ ମନ୍ତ୍ରୀ ଏହାର ଶ୍ରେୟ ପ୍ରଦାନ କରିଛନ୍ତି । ଅନ୍ୟ ଏକ ଲିଖିତ ଉତ୍ତରରେ ଶ୍ରୀ ନଡ୍ଡା କହିଛନ୍ତି ଯେ ମା' ଏବଂ ଶିଶୁ ସ୍ୱାସ୍ଥ୍ୟ ସେବା ସମ୍ବନ୍ଧୀୟ ପ୍ରମୁଖ ଫଳାଫଳକୁ ଉନ୍ନତ କରିବା ପାଇଁ ସାରା ଦେଶର ଡାକ୍ତରଖାନା ଗୁଡ଼ିକରେ ୧ହଜାର ୮୭ଟି ସ୍ୱତନ୍ତ୍ର ନବଜାତ ଯତ୍ନ କେନ୍ଦ୍ର ଏବଂ ୨ହଜାର ୮୬୮ଟି ନବଜାତ ସ୍ଥିରିକରଣ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି ।

## ଟେଲି ମାନସ୍ କଲ୍

ସରକାର କହିଛନ୍ତି, ୩୬ଟି ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳରେ ସ୍ଥାପିତ ୫୩ଟି ଟେଲି ମାନସ୍ ସେଲ୍ ଦ୍ୱାରା ଏ ପର୍ଯ୍ୟନ୍ତ ୧୮ଲକ୍ଷରୁ ଅଧିକ

କଲ୍‌କୁ ପରିଚାଳନା କରାଯାଇଛି । ଆଜି ଲୋକସଭାରେ ଏକ ଲିଖିତ ଉତ୍ତରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ରାଓ ଯାଦବ ସୂଚନା ଦେଇ କହିଛନ୍ତି, ଏହି ଟେଲି ମାନସ୍ ସେବା ୨୦ଟି ଭାଷାରେ ଉପଲବ୍ଧ ଅଛି ।  ସେ କହିଛନ୍ତି, ଗତ ୩ ବର୍ଷ ମଧ୍ୟରେ ଟେଲି ମାନସ୍ ସେବା ପାଇଁ ୩୪୩ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି ।

ଅନ୍ୟ ଏକ ଲିଖିତ ଉତ୍ତରରେ ଶ୍ରୀ ଯାଦବ କହିଛନ୍ତି, ଦେଶରେ ଏ ପର୍ଯ୍ୟନ୍ତ ୭୩ କୋଟିରୁ ଅଧିକ ଆୟୁଷ୍ମାନ୍ ଭାରତ ସ୍ୱାସ୍ଥ୍ୟ ଆକାଉଣ୍ଟ-ଆଭା ଆଇଡି ସୃଷ୍ଟି କରାଯାଇଛି ।

## ଆର୍‌ଏସ୍-ପେଣ୍ଡିଙ୍ଗ୍ କେସ୍

ସରକାର କହିଛନ୍ତି, ୧୦ ବର୍ଷରୁ ଅଧିକ ସମୟ ଧରି ସୁପ୍ରିମ୍‌କୋର୍ଟରେ ୭ ହଜାର ମାମଲା ପଡ଼ି ରହିଛି । ଲୋକସଭାରେ ଏକ ଲିଖିତ ଉତ୍ତରରେ ଆଇନ୍ ଏବଂ ନ୍ୟାୟ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ୍ କହିଛନ୍ତି, ୧୦ ବର୍ଷରୁ ଅଧିକ ସମୟ ଧରି ପଡ଼ିରହିଥିବା ଏହି ମକଦ୍ଦମା ଗୁଡ଼ିକ ମଧ୍ୟରୁ ପାଖାପାଖି ୬ହଜାର ଜମିଜମା ସମ୍ପର୍କିତ ମକଦ୍ଦମା ପଡ଼ି ରହିଛି । ୩ ଲକ୍ଷରୁ ଅଧିକ ମକଦ୍ଦମା ଗତ ବର୍ଷ ଶେଷ ସୁଦ୍ଧା ଫାଷ୍ଟ୍‌ଟ୍ରାକ୍ ଅଦାଲତ ମାଧ୍ୟମରେ ଶୁଣାଣି କରାଯାଇଛି ବୋଲି ଏକ ଲିଖିତ ଉତ୍ତରରେ ମନ୍ତ୍ରୀ କହିଛନ୍ତି ।

# ଆର୍‌ବିଆଇ

ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଗଭର୍ଣ୍ଣର ସଂଜୟ ମାଲହୋତ୍ରା କହିଛନ୍ତି, ଚଳିତ ବର୍ଷ କେନ୍ଦ୍ରୀୟ ବଜେଟ୍‌ରେ ୧ ଲକ୍ଷ କୋଟି ଟଙ୍କା ଟିକସ ଛାଡ଼ ଘୋଷଣା ହେବା ଦ୍ୱାରା ମୁଦ୍ରାସ୍ଫିତିରେ କୌଣସି ପ୍ରକାରର ଉଲ୍ଲେଖନୀୟ ପ୍ରଭାବ ପଡ଼ିବ ନାହିଁ । ମୁଦ୍ରାନୀତି କମିଟିର ରେପୋରେଟ୍‌ରେ ୨୫ ବେସିସ୍ ପଏଣ୍ଟ ହ୍ରାସ କରିବା ନିଷ୍ପତ୍ତି ବିଷୟରେ ଗଣମାଧ୍ୟମର ଏକ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ମାଲହୋତ୍ରା କହିଛନ୍ତି, ଦେଶର ପର୍ଯ୍ୟାପ୍ତ ପରିମାଣର ଉତ୍ପାଦନ କ୍ଷମତା ରହିଛି ଏବଂ ଏହାର ଉପଯୋଗ ହେଉଛି ୭୫ ପ୍ରତିଶତ । ସରକାରଙ୍କ ଦ୍ୱାରା କରାଯାଇଥିବା ଚଳିତ ବର୍ଷ ଏହି ଟିକସ ଛାଡ଼ ଦେଶର ଅଭିବୃଦ୍ଧିହାରକୁ ବଢ଼ାଇବ ବୋଲି ସେ କହିଛନ୍ତି ।

# ମହାକୁମ୍ଭ

ପ୍ରୟାଗରାଜ ସ୍ଥିତ ତ୍ରିବେଣୀ ସଂଗମର ମହାକୁମ୍ଭରେ ବର୍ତ୍ତମାନ ସୁଦ୍ଧା ୪୦ କୋଟି ଶ୍ରଦ୍ଧାଳୁ ବୁଡ଼ ପକାଇଛନ୍ତି । ପ୍ରୟାଗରାଜରେ ମକର ସଂକ୍ରାନ୍ତୀ, ମୌନି ଅମାବାସ୍ୟା ଏବଂ ବସନ୍ତ ପଞ୍ଚମୀ ଭଳି ତିନୋଟି ଅମୃତ ସ୍ନାନ ପରେ ମଧ୍ୟ ବୁଡ଼ ପକାଇବା ପାଇଁ ଶ୍ରଦ୍ଧାଳୁମାନଙ୍କର ଉତ୍କଣ୍ଠା କମି ନାହିଁ । ଜାନୁଆରୀ ୧୩ ତାରିଖରେ ଆରମ୍ଭ ହୋଇଥିବା ଏହି ମହାକୁମ୍ଭ ଫେବୃୟାରୀ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ । ୧୯ ଦିନ ଧରି ଚାଲିବାକୁ

ଥିବା ଏହି ମହାକୁମ୍ଭ ମେଳାରେ ୫୦ ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ ବୁଡ଼ ପକାଇବେ ବୋଲି ଉତ୍ତର ପ୍ରଦେଶ ସରକାର ଲକ୍ଷ୍ୟ ରଖିଛନ୍ତି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରୟାଗରାଜର ତ୍ରିବେଣୀ ସଂଗମକୁ ଫେବୃୟାରୀ ୧୦ ତାରିଖ ଦିନ ପରିଦର୍ଶନ କରିବା ସହିତ ଏଥିରେ ଭାଗ ନେବେ ବୋଲି ଜଣାପଡ଼ିଛି ।

## ମହାକୁମ୍ଭ-କଲ୍‌ଚର ଇଭେଣ୍ଟ

ପ୍ରୟାଗରାଜର ମହାକୁମ୍ଭରେ ଆଜି ସନ୍ଧ୍ୟାରେ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଏକ ଭବ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି । ଦେଶର ପ୍ରସିଦ୍ଧ କଳାକାରମାନେ ସଂଗୀତ, ନୃତ୍ୟ ଓ କଳାର ଭବ୍ୟ ଉପସ୍ଥାପନା  କରି ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରୁଛନ୍ତି ।

ମହାକୁମ୍ଭ-୨୦୨୫ କେବଳ ଭକ୍ତି ଓ ବିଶ୍ୱାସର ଏକ ମହାନ ପର୍ବ ନୁହେଁ, ବରଂ ଭାରତୀୟ ସଂସ୍କୃତି, ସଂଗୀତ, ନୃତ୍ୟ ଓ ସାହିତ୍ୟ ପାଇଁ ଏକ ବିଶ୍ୱସ୍ତରୀୟ ମଞ୍ଚ ଭାବେ ଆଦୃତି ଲାଭ କରିଛି । ଗଙ୍ଗା ମଣ୍ଡପରେ ଆଜି ଅନୁଷ୍ଠିତ ହେଉଥିବା କାର୍ଯ୍ୟକ୍ରମ ଗୁଡ଼ିକ ଭାରତର ସମୃଦ୍ଧ ସାଂସ୍କୃତିକ ପରମ୍ପରାକୁ ପ୍ରଦର୍ଶିତ କରିବା ସହ ଉଭୟ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକମାନଙ୍କ ଆଧ୍ୟାତ୍ମିକ  ଭାବନାକୁ ଜାଗ୍ରତ କରିଛି । ଓଡ଼ିଶୀ ନୃତ୍ୟ ଶିଳ୍ପୀ ସୋନାଲ୍ ମାନସିଂ ଓ ଡୋନା ଗାଙ୍ଗୁଲି, ଗାୟିକା କବିତା କୃଷ୍ଣମୂର୍ତ୍ତୀ, ହରିହରନ୍ ଓ

ସୁରେଶ ଓ୍ୱାଡେକରଙ୍କ ଭଳି ପ୍ରସିଦ୍ଧ କଳାକାରମାନେ କାର୍ଯ୍ୟକ୍ରମ ପରିବେଶଣ କରିବାର କାର୍ଯ୍ୟସୂଚୀ ରହିଛି । ଏହାଛଡ଼ା ବିଭିନ୍ନ ଭାରତୀୟ ଶାସ୍ତ୍ରୀୟ ନୃତ୍ୟ ଓ ସଂଗୀତ ପରମ୍ପରାର ବିଶିଷ୍ଟ କଳାକାରମାନେ ମଧ୍ୟ ମହାକୁମ୍ଭରେ ସଂଗୀତ ପରିବେସଣ କରୁଛନ୍ତି ।

# ଏନ୍‌ଡିଏ ଏମ୍‌ପି ପିଏମ୍

ବିହାରର ଏନ୍.ଡି.ଏ. ସାଂସଦମାନେ ଆଜି ସଂସଦ ଭବନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିଛନ୍ତି । ଏହି ବୈଠକରେ କେନ୍ଦ୍ର ମନ୍ତ୍ରୀ ଗିରିରାଜ ସିଂହ, ରାଜୀବ ରଂଜନ ସିଂହ ଏବଂ ଚିରାଗ ପାଶୱାନ୍ ପ୍ରମୁଖ ଉପସ୍ଥିତ ଥିଲେ । କେନ୍ଦ୍ର ବଜେଟ୍ ୨୦୨୫-୨୬ରେ କେନ୍ଦ୍ର ସରକାରଙ୍କ ଦ୍ୱାରା ବିହାର ପାଇଁ କରାଯାଇଥିବା ଅନେକ ଘୋଷଣା ପୃଷ୍ଠଭୂମିରେ ଏହି ବୈଠକ ବସିଥିବାର ଜଣାପଡ଼ିଛି ।

# ଏସିବି କେଜରିଓ୍ୱାଲ ଆଲିଗେସନ୍

ଦିଲ୍ଲୀ ବିଧାନସଭା ନିର୍ବାଚନରେ ଆମ୍ ଆଦମୀ ପାର୍ଟିର ପ୍ରାର୍ଥୀମାନଙ୍କୁ ଭାରତୀୟ ଜନତା ପାର୍ଟି ୧୫ କୋଟି ଲାଞ୍ଚ ଦେବା ଅଭିଯୋଗ ଆଣିଥିବାରୁ ଆପ୍‌ର ଆବାହକ ଅରବିନ୍ଦ କେଜରିଓ୍ୱାଲଙ୍କ ଘରେ ଆଜି ଦୁର୍ନୀତି ନିବାରଣ

ଅଧିକାରୀମାନେ ତଦନ୍ତ କରିବା ପାଇଁ ପହଞ୍ଚିଥିଲେ । ତେବେ ଏହି ଅଧିକାରୀମାନଙ୍କୁ ଘର ଭିତରକୁ ପ୍ରବେଶ କରିବା ପାଇଁ ଦିଆଯାଇନଥିଲା । ଇତିମଧ୍ୟରେ ଆମ୍ ଆଦମୀ ପାର୍ଟିର ନେତା ସଂଜୟ ସିଂହ ଦୁର୍ନୀତି ନିବାରଣ ବିଭାଗ ପାଖରେ ଏକ ଅଭିଯୋଗ ଦାଏର କରିଛନ୍ତି । ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ସିଂହ କହିଛନ୍ତି, ସେ ଦୁର୍ନୀତି ନିବାରଣ ବିଭାଗକୁ ଏ ସଂକ୍ରାନ୍ତରେ ସମସ୍ତ ପ୍ରକାର ତଥ୍ୟ ପ୍ରମାଣ ଦେଇଛନ୍ତି । ଦିଲ୍ଲୀ ବିଧାନସଭା ସମୟରେ ବିଜେପି ପକ୍ଷରୁ ଆମ୍ ଆଦମୀ ପାର୍ଟିର ପ୍ରାର୍ଥୀମାନଙ୍କୁ ପ୍ରଲୋଭନ ଦେଖା ଯାଇଥିଲା ବୋଲି ସେ ଅଭିଯୋଗ କରିଛନ୍ତି । ଅପର ପକ୍ଷରେ ଦିଲ୍ଲୀ ବିଜେପି ଅଧ୍ୟକ୍ଷ ବୀରେନ୍ଦ୍ର ସଚଦେବା ଆମ୍ ଆଦମୀ ପାର୍ଟିର ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି ।

## ଉତ୍ତରାଖଣ୍ଡ ନ୍ୟାସନାଲ୍ ଗେମ୍

ଉତ୍ତରାଖଣ୍ଡରେ ଚାଲିଥିବା ୩୮ତମ ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ହଲଦ୍ୱାନି ସ୍ଥିତ ଇନ୍ଦିରା ଗାନ୍ଧି ସ୍ପୋର୍ଟସ୍ କମ୍ପ୍ଲେକ୍ସ ଠାରେ ଆଜି ପୁରୁଷ ବର୍ଗ ଫୁଟବଲ ଫାଇନାଲ୍ ମ୍ୟାଚ୍‌ରେ ଆୟୋଜକ ଉତ୍ତରାଖଣ୍ଡ ଓ କେରଳ ମଧ୍ୟରେ ମୁକାବିଲା ଚାଲିଛି ।

ପୂର୍ବରୁ ଆଜି ଆସାମ ଦିଲ୍ଲୀକୁ ହରାଇ ଏହି ବର୍ଗରେ ବ୍ରୋଞ୍ଜ ପଦକ ହାସଲ କରିଛି । ସେହିପରି ମହିଳା ବର୍ଗର ଲନ୍ ଟେନିସ୍ ଫାଇନାଲ୍

ମ୍ୟାଚ୍‌ରେ ଗୁଜରାଟ ମହାରାଷ୍ଟ୍ରକୁ ହରାଇ ସ୍ୱର୍ଣ୍ଣ ପଦକ ଜିତିଛି । ଅପର ପକ୍ଷରେ ପୁରୁଷ ବର୍ଗ ଲନ୍ ଟେନିସ୍ ଫାଇନାଲ୍‌ରେ ତାମିଲନାଡୁ କେରଳକୁ ହରାଇ ସ୍ୱର୍ଣ୍ଣ ପଦକ ହାସଲ କରିଛି । ଉତ୍ତରାଖଣ୍ଡ ପଏଣ୍ଟ ଟେବୁଲ୍‌ର ଶୀର୍ଷରେ ରହି ୩୧ଟି ସ୍ୱର୍ଣ୍ଣ, ୧୪ଟି ରୌପ୍ୟ ଓ ୧୨ଟି ବ୍ରୋଞ୍ଜ ପଦକ ଜିତିଥିବା ବେଳେ କର୍ଣ୍ଣାଟକ ୩୦ଟି ସ୍ୱର୍ଣ୍ଣ, ୧୧ଟି ରୌପ୍ୟ ଓ ୧୫ଟି ବ୍ରୋଞ୍ଜ ପଦକ ସହ ଦ୍ୱିତୀୟ ସ୍ଥାନରେ ରହିଛି । ମହାରାଷ୍ଟ୍ର ୧୯ଟି ସ୍ୱର୍ଣ୍ଣ, ୩୮ଟି ରୌପ୍ୟ ଏବଂ ୩୭ଟି ବ୍ରୋଞ୍ଜ ପଦକ ସହ ତୃତୀୟ ସ୍ଥାନ ହାସଲ କରିଛି ।

## ଜେଆଣ୍ଡକେ-ଜିଏଡି

ଜାମ୍ମୁ କାଶ୍ମୀରର ସାଧାରଣ ପ୍ରଶାସନ ବିଭାଗ ଏକ ନିର୍ଦ୍ଦେଶନାମା ଜାରି କରି ସମସ୍ତ ସରକାରୀ ଅଫିସର୍‌ମାନଙ୍କୁ କହିଛି ଯେ ରାଜ୍ୟର ନିର୍ବାଚିତ ପ୍ରତିନିଧିମାନଙ୍କ ସହ ସରକାରୀ ପ୍ରକଳ୍ପ ତଥା କାର୍ଯ୍ୟଧାରା ବିଷୟରେ ଆଲୋଚନା କରି ନିଷ୍ପତ୍ତି ନେବେ । ଜାମ୍ମୁ ସ୍ଥିତ ଆମ ସମ୍ବାଦଦାତା ଜଣାଇଛନ୍ତି, ନିର୍ବାଚିତ ପ୍ରତିନିଧିମାନେ ଗ୍ରାମ ସ୍ତରରୁ ଜିଲ୍ଲା ସ୍ତର ପର୍ଯ୍ୟନ୍ତ ଅଭିଜ୍ଞତା ରଖିଥିବାରୁ ସରକାରୀ ଅଧିକାରୀମାନେ ସେମାନଙ୍କ କଥାକୁ ଗୁରୁତ୍ୱ ଦେଇ ରାଜ୍ୟର ବିକାଶର ଧାରାକୁ ଆଗେଇ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସମସ୍ତ ନିର୍ବାଚିତ ପ୍ରତିନିଧିଙ୍କୁ ସମ୍ମାନ ଦେଇ

ସେମାନଙ୍କର ଅଭିଯୋଗ ଏବଂ ଅନୁରୋଧକୁ ବିଚାରକୁ ନେଇ କାର୍ଯ୍ୟ କରିବା ପାଇଁ ସରକାରୀ ଅଧିକାରୀମାନଙ୍କୁ କୁହାଯାଇଛି ।